PR No -14/2025

ତହସିଲଦାରଙ୍କ କାର୍ଯ୍ୟାଳୟ,ବାରିପଦା

ଇସ୍ତାହାର ଘରଡ଼ିହ ଲିଜ କେଶ ନଂ- ୧୦/୨୦୨୫

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ,ନିମ୍ନ ତଫସିଲ ବର୍ଣ୍ଣିତ ଜମି ନିମ୍ନ ଆବେଦନକାରୀଙ୍କୁ ଘରଡିହ ଲିଜ ଭାବେ ହସ୍ତାନ୍ତର କରିବାର ପ୍ରସ୍ତାବ ହୋଇଅଛି । ଏଥିରେ ଅବେଦନକରୀ ଙ୍କ ନାମ, ଠିକଣା ଏବଂ ପ୍ରସ୍ତାବିତ ଜମିର ଖାତା ନଂ, ପ୍ଲଟ ନଂ,କିସମ, ଜମିର ପରିମାଣ ଉଲ୍ଲେଖ କରାଯାଇଅଛି | ଏଣୁ ଏଥିରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ ଇସ୍ତାହାର ଜାରି ହେବାର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ କୋର୍ଟ ଫି ଲଗାଇ ଲିଖିତ ଆକାରରେ ଆପତ୍ତି ଅଭିଯୋଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

ତଫସିଲ

ମୌଜାର ନାମ- ନୟାପୁରୁଷୋତ୍ତମପୁର ଥାନାର ନାମ :- ବେତନଟୀ ନଂ:- ୧

ଖାତା ନଂ	ପ୍ଲଟ ନଂ	କିସମ	ରକବା (ଏକରରେ)	ଆବେଦନକାରୀଙ୍କ ନାମ ଓ ଠିକଣା
୯୫ (ଆବାଦ ଯୋଗ୍ୟ ଅନାବାଦୀ)	୧/୬୪୦	ପତିତ	ଏ. ୦.୦୪	ନାମ- ଭୁତୁଲି ସିଂ ସ୍ୱା- ସ୍ୱ ବୁଗୁଲୁ ସିଂ ଜାତି- ଭୂମିଜ ବା- ସ୍ୱରୂପବିଲା
ମୋଟ			ଏ. ୦.୦୪	

ଏହାର ଏକକିତା ନକଲ ନୟାପୁରୁଷୋତ୍ତମପୁର ମୌଜାରେ ଡେଙ୍ଗୁରା ଦ୍ୱାରା ଜାରି କରିବାକୁ ପଠାଗଲା । ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାରିପଦା / ବୁଢ଼ୀଖମାରି ଗ୍ରାମ ପଂଚାୟତ କାର୍ଯ୍ୟାଳୟ / ରାଜସ୍ୱ ନିରୀକ୍ଷକ, ବୁଢ଼ୀଖମାରିଙ୍କ ନୋଟିସ ବୋର୍ଡରେ ପ୍ରକାଶନ କରିବାକୁ ପଠାଗଲା । ସେମାନଙ୍କ ମତାମତ ଯଦିଥାଏ, ତେବେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ପଠାଇବାକୁ ଅନୁରୋଧ ।

ଏହାର ଏକକିତା ନକଲ ବାରିପଦା ତହସିଲ ଅଫିସ ନୋଟିସବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜାରି କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ ବାରିପଦାଙ୍କ ଅବଗତି ଏବଂ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି କରାଗଲା ।

ତହସିଲଦାର,ବାରିପଦା
TAHASILDAR
BARIPADA